ଆରବିଆଇ/୨୦୦୫୦୬/୯୭
ସନ୍ଦର୍ଭ : ଡ଼ିଜିବିଏ.ଜିଏଡ଼ି.ସଂ.ଏଚ.୪୮୮/୪୨.୦୧.୦୩୪/୨୦୦୫-୦୬

ଅଗଷ୍ଟ ୬, ୨୦୦୫

**ଅଧ୍ୟକ୍ଷ/ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ**
ସମସ୍ତ ଏଜେନ୍‌ସୀ ବ୍ୟାଙ୍କ
ଜାମ୍ମୁ-କାଶ୍ମୀର ବ୍ୟାଙ୍କ ଲିଃ. ସମେତ

ପ୍ରିୟ ମହାଶୟ,

**ପ୍ରାଧିକୃତ ଶାଖାରେ ନଗଦ ଟିକସ ପ୍ରଦାନ/ଆକାଉଣ୍ଟରୁ ଟିକସ ପ୍ରଦାନ କ୍ଷେତ୍ରରେ ଟିକସ ପ୍ରତିପତ୍ର**

ଆପଣ ଜାଣନ୍ତି, ଅନଲାଇନ୍ ଟ୍ୟାକ୍ସ ଆକାଉଣ୍ଟିଂ ସିଷ୍ଟମ (ଓଲଟାସ) ଅଧୀନରେ ନଗଦ କ୍ଷେତ୍ରରେ କିମ୍ବା ସେହି ବ୍ୟାଙ୍କ ଶାଖା ମଧ୍ୟରେ ଅନ୍ତରଣ ଦ୍ୱାରା ଟିକସ ରାଶି ସଂଗ୍ରହ ହେଲେ ବ୍ୟାଙ୍କ ମାନେ କାଉଣ୍ଟରରୁ ସାଙ୍ଗେ ସାଙ୍ଗେ ଟିକସ ଦାତାଙ୍କ ଟିକସ ପ୍ରତିପତ୍ର ଦେବା ଆବଶ୍ୟକ ।

୨. ଆୟକର ନିର୍ଦ୍ଦେଶାଳୟ ପଦ୍ଧତି ଆମକୁ ଜଣାଉଛନ୍ତି ଯେ ଏଜେନ୍‌ସି ବ୍ୟାଙ୍କ ମାନଙ୍କର କେତେକ ଶାଖାରେ ଟିକସ ଦାତାମାନଙ୍କୁ ଉକ୍ତ ପ୍ରତିପତ୍ର କିଛିଦିନ ବିଳମ୍ବରେ ଦିଆଯାଇଛି। ଆମ୍ଭେ ପୁନର୍ବାର ସୂଚିତ କରୁଛୁଯେ ଟିକସ ଦାତା ମାନଙ୍କୁ ଉକ୍ତ ପ୍ରତିପତ୍ର ବ୍ୟାଙ୍କ କାଉଁଟରରେ ତୁରନ୍ତ ଦିଆଯିବା ଉଚିତ୍।

୩. ଦୟାପୂର୍ବକ ଆପଣଙ୍କ ବ୍ୟାଙ୍କ ଶାଖାମାନଙ୍କୁ ଏହି ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ।

ଆପଣଙ୍କ ବିଶ୍ୱସ୍ତ

**ଏମ.ଟି ଭର୍ଗିଜ**
ମହା ପ୍ରବନ୍ଧକ